# 'ବୈଷ୍ଣବ ପାଣି ଗଣ ଜୀବନର ସଫଳ ପ୍ରତିନିଧି'

## ରାଉରକେଲା ଆଇନ ମହାବିଦ୍ୟାଳୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ଦୁଇଦିନିଆ କାର୍ଯ୍ୟକ୍ରମ

ରାଉରକେଲା,୪।୧୨(ବ୍ୟୁରୋ): ସାହିତ୍ୟ ପ୍ରତି ପ୍ରତିବଦ୍ଧତା ରଖି ରାଉରକେଲା ଆଇନ ମହାବିଦ୍ୟାଳୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ କାର୍ଯ୍ୟକ୍ରମ କଲେଜ ପରିସରରେ ଆଜି




ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ଦେବେନ୍ଦ୍ର ନାଥ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସମାଲୋଚକ ଡ. ପ୍ରଦୀପ୍ତ କୁମାର ପଣ୍ଡା ଓ ସାହିତ୍ୟ ଏକାଡେମୀର ଆବାହକ ବିଶିଷ୍ଟ ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ ଯୋଗଦେଇ ଗଣକବି ବୈଷ୍ଣବ ପାଣିଙ୍କ ଚୟନିକା ଉପରେ ଆଲୋଚନା କରିଥିଲେ। ପ୍ରଥମ ଦିନରେ ପୁସ୍ତକ ଚର୍ଚ୍ଚା ଆଲୋଚନାଚକ୍ରରେ ଭାଗ ନେଇ ବିଶିଷ୍ଟ ସାହିତ୍ୟିକ ଡ. ପଣ୍ଡା ସମୀକ୍ଷା କରି କହିଲେ ଯେ, ଗଣକବି ବୈଷ୍ଣବ ପାଣି ଓଡ଼ିଆ ସାହିତ୍ୟର ଲୋକପ୍ରିୟ କବି। ତାଙ୍କ ରଚନାରେ ଲୋକ ଜୀବନର ଚିତ୍ର ଥିବାରୁ ତାହା ପାଠକୀୟ ଆଦୃତି ଲାଭ କରିପାରିଛି। ବାସ୍ତବରେ ବୈଷ୍ଣବ ପାଣି ଗଣ ଜୀବନର ସଫଳ ପ୍ରତିନିଧି। ଏହି ପୁସ୍ତକ ରଚନା ହେବା ଫଳରେ କବି ଶ୍ରୀ ପାଣିଙ୍କର ଦୁଷ୍ପ୍ରାପ୍ୟ ରଚନା ସୁରକ୍ଷିତ ହୋଇ ପାରିଛି। ଅନ୍ୟତମ ଅତିଥି ଡ. ସିଂହ କହିଲେ ଯେ ଗଣକବି ବୈଷ୍ଣବ ପାଣି ଜାତୀୟ ଜୀବନର ସାର୍ଥକ ରୂପକାର। ସେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ଗାନ୍ଧୀ ଚେତନା ବିଚାରରେ ଅନନ୍ୟ ଭୂମିକା ଗ୍ରହଣ କରିଥିଲେ। ସାହିତ୍ୟ ଏକାଡେମୀ ତରଫରୁ ଏହି କାର୍ଯ୍ୟକ୍ରମରେ ବେଟିଆଇ ଦେବିହାଙ୍କ ଦଳ ବିଶିଷ୍ଟ କଳାଶିଳ୍ପୀ ରବି ରତନ ସାହୁଙ୍କ ନିର୍ଦ୍ଦେଶନାରେ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଅଧକ୍ଷ ଡ. ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୋଲକାତା ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭିକ ସୂଚନା ଅଧ୍ୟାପିକା ପ୍ରଜ୍ଞା ପରମିତା ପଣ୍ଡା ରଖିଥିବାବେଳେ ଅଧ୍ୟାପିକା ଡ. ସମ୍ପାଦିକା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।